# ସାଢ଼େ ୭ ଲକ୍ଷରୁ ଫେରିଛି ୫ ଲକ୍ଷ ୩୮ ହଜାର

ଅନୁଗୋଳ ଅଫିସ, ୧୯।୯

ଅନୁଗୋଳ ଜିଲାରେ ବଢ଼ୁଛି ସାଇବର ଠକେଇ। ଏହି ଠକମାନେ କେତେବେଳେ ନିଜକୁ ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ ଫୋନ ମାଧ୍ୟମରେ ଏଟିଏମ୍ ପିନ୍ ମାଗି ଆକାଉଣ୍ଟରୁ ଟଙ୍କା ଗାଏବ କରୁଛନ୍ତି ତ ଆଉ କେତେବେଳେ ଫେକ୍ ଲିଙ୍କ୍ ପଠାଇ ଗୋଟିଏ କ୍ଲିକ୍‌ରେ ହଜାର ହଜାର ଟଙ୍କା ଉଠାଇ ନେଉଛନ୍ତି। ଜିଲାର ବିଭିନ୍ନ ଥାନାରେ ଏଭଳି ଅଭିଯୋଗର ତାଲିକା ଲମ୍ବୁଥିବା ବେଳେ କେବଳ ଗତ ୯ ମାସରେ ୧୧ଟି ଘଟଣାରେ ୭ ଲକ୍ଷ ୫୨ ହଜାର ୬ ଟଙ୍କାର ଠକେଇ ହୋଇଛି। ତେବେ ପୋଲିସର ତ୍ୱରିତ ପଦକ୍ଷେପ ଯୋଗୁ ଠକେଇର ଶିକାର ଆକାଉଣ୍ଟଧାରୀମାନେ ୫ ଲକ୍ଷ ୩୮ ହଜାର ୧୭୫ ଟଙ୍କା ଫେରି ପାଇପାରିଛନ୍ତି। ଏପରି କି ସମ୍ପୃକ୍ତ ୧୧ଜଣଙ୍କ ମଧ୍ୟରୁ ୪ଜଣ ସମସ୍ତ ଅର୍ଥ ଫେରସ୍ତ ପାଇଥିବା ଅନୁଗୋଳ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି ଯେ, ଜିଲାର ଅନ୍ୟ ଥାନା ଅପେକ୍ଷା ଅନୁଗୋଳ ଥାନାରେ ସର୍ବାଧିକ ସାଇବର ଠକେଇ ନେଇ ଅଭିଯୋଗ ପଞ୍ଜୀକୃତ ହୋଇଛି। ଗତ ଫେବୃୟାରୀ ମାସରେ ଅନୁଗୋଳ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୪୩ ହଜାର ୯୯୦ ଟଙ୍କା ଠକେଇ ହୋଇଥିଲା। ଏତଲା ପରେ ପୋଲିସ ଏ ନେଇ ପଦକ୍ଷେପ ନେଇଥିଲା। ଫଳରେ ତାଙ୍କ ଆକାଉଣ୍ଟକୁ ୩୬ ହଜାର ୯୯୦ ଟଙ୍କା ଫେରସ୍ତ ମିଳିଛି। ସେହିପରି ମାର୍ଚ୍ଚ ମାସରେ ୬୫ ହଜାର ୧୭୦ ଟଙ୍କା ଗାଏବ ମାମଲାରେ ଆକାଉଣ୍ଟଧାରୀଙ୍କୁ ୩୯ ହଜାର ୧୮୦ ଟଙ୍କା ଫେରସ୍ତ ମିଳିପାରିଛି। ଏପ୍ରିଲ ମାସରେ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ୩୦ ହଜାର ଟଙ୍କା ଉଠାଇ ନିଆଯାଇଥିଲା। ଏହାର ତଦନ୍ତ ପରେ ସମ୍ପୃକ୍ତ ବ୍ୟକ୍ତି ୧୦ ହଜାର ୯୩ ଟଙ୍କା ଫେରି ପାଇଛନ୍ତି। ଜୁଲାଇ ମାସରେ ସାଇବର ଠକଙ୍କ ହାବୁଡ଼ରେ ପଡ଼ି ୪୯ ହଜାର ୯୯୮ ଟଙ୍କା ହରାଇଥିବା ବ୍ୟକ୍ତିଙ୍କ ଆକାଉଣ୍ଟକୁ ୨୪ ହଜାର ୯୯୮ ଟଙ୍କା ଫେରସ୍ତ ଆସିଛି। ସେହିମାସରେ ଅନ୍ୟ ଜଣେ ବ୍ୟକ୍ତି ୧ ଲକ୍ଷ ୯ ହଜାର ଟଙ୍କା ଠକେଇର ଶିକାର ହୋଇଥିଲେ। ପୋଲିସର ପଦକ୍ଷେପ ଯୋଗୁ ସେ ୮୫ ହଜାର ୯୯୯ ଟଙ୍କା ପାଇପାରିଛନ୍ତି। ୫୪ ହଜାର ୭୫ ଟଙ୍କା ଠକାମିର ଶିକାର ହୋଇଥିବା ଅନ୍ୟ ଜଣେ ବ୍ୟକ୍ତି ପୂରା ଟଙ୍କା ଫେରସ୍ତ ପାଇଛନ୍ତି। ସେହିପରି କୋଲିୟରୀ ଥାନାରେ ଏପରି ୩ଟି ମାମଲା ହୋଇଥିଲା। ଜାନୁୟାରୀ ମାସରେ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ୮୯ ହଜାର ୯୯୯ ଟଙ୍କା ଉଠାଇ ନିଆଯାଇଥିଲା। ଉକ୍ତ ମାମଲାରେ ଆକାଉଣ୍ଟଧାରୀଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ ମିଳିଛି। ମେ ମାସରେ ଠକେଇର ଶିକାର ହୋଇଥିବା ବ୍ୟକ୍ତି ପୂରା ୪୬ ହଜାର ୯୪୨ ଟଙ୍କା ପାଇଛନ୍ତି। ଜୁଲାଇ ମାସରେ ୧ ଲକ୍ଷ ୧୦ ହଜାର ଟଙ୍କା ହରାଇଥିବା ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ୫୦ ହଜାର ଟଙ୍କା ଫେରି ଆସିଛି। ଏନ୍‌ଟିପିସି ଥାନା ଅଞ୍ଚଳର ଜଣେ ଆକାଉଣ୍ଟଧାରୀ ୪୯ ହଜାର ୯୯୯ ଟଙ୍କା ଠକାମିର ଶିକାର ହୋଇଥିବାବେଳେ ସମ୍ପୂର୍ଣ୍ଣ ଟଙ୍କା ଫେରିପାଇଛନ୍ତି। ୧ ଲକ୍ଷ ୨ ହଜାର ୮୩୩ ଟଙ୍କା ଠକେଇ ହୋଇଥିବା ନେଇ ବିକ୍ରମପୁର ଥାନାରେ ଅଭିଯୋଗ ହୋଇଥିବା ବେଳେ ଉକ୍ତ ମାମଲାରେ ୪୯ ହଜାର ୯୦୦ ଟଙ୍କା ଫେରସ୍ତ ମିଳିଥିବା ଏସ୍‌ପି ମୀନା ପ୍ରକାଶ କରିଛନ୍ତି। ଦିନକୁ ଦିନ ସାଇବର ଅପରାଧୀମାନେ ଅଧିକରୁ ଅଧିକ ଲୋକଙ୍କୁ ଟାର୍ଗେଟ୍ କରୁଥିବାରୁ ଏ ନେଇ ସତର୍କ ତଥା ସଚେତନ ରହିବା ପାଇଁ ଏସ୍‌ପି ଜିଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି। କୌଣସି ପରିସ୍ଥିତିରେ ମୋବାଇଲ ମାଧ୍ୟମରେ କାହାକୁ ନିଜ ଏଟିଏମ୍ ପିନ୍ ସହ ସିସିଭି ନମ୍ବର ଏବଂ ଓଟିପି ପ୍ରଦାନ ନ କରିବାକୁ କହିଛନ୍ତି। ସେହିପରି ମୋବାଇଲରେ କୌଣସି ଆପ୍ ବ୍ୟବହାର କରୁଥିଲେ ଅଜଣା ଲୋକଙ୍କୁ କିଛି ବି ତଥ୍ୟ ପ୍ରଦାନ ନ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

| SI No. | Date | POLICE STATION | Case Number | Fraud Amount | Refund Amount |
|---|---|---|---|---|---|
| 1. | 27.01.2020 | Colliery PS | 25/2020 | Rs.89,999/- | Rs.89,999/- |
| 2. | 18.02.2020 | NTPC PS | 27/2020 | Rs.49,999/- | Rs.49,999/- |
| 3. | 27.02.2020 | Angul PS | 239/2020 | Rs.43,990/- | Rs.36,990/- |
| 4. | 05.03.2020 | Angul PS | 266/2020 | Rs.65,170/- | Rs.39,180/- |
| 5. | 23.04.2020 | Angul PS | 472/2020 | Rs.30,000/- | Rs.10,093/- |
| 6. | 14.05.2020 | Colliery PS | 160/2020 | Rs.46,942/- | Rs.46,942/- |
| 7. | 05.07.2020 | Colliery PS | 232/2020 | Rs.1,10,000/- | Rs.50,000/- |
| 8. | 16.07.2020 | Angul PS | 826/2020 | Rs.49,998/- | Rs.24,998/- |
| 9. | 24.07.2020 | Angul PS | 862/2020 | Rs.1,09,000/- | Rs.85,999/- |
| 10. | 28.07.2020 | Angul PS | 877/2020 | Rs.54,075/- | Rs.54,075/- |
| 11. | 09.09.2020 | Vikrampur PS | 132/2020 | Rs.1,02,833/- | Rs.49,900/- |
| Total | | | | Rs. 7, 52, 006 | Rs. 5, 38, 175 |

ଅନୁଗୋଳ ଏସ୍‌ପି ପ୍ରଦାନ କରିଥିବା ତଥ୍ୟ।

- ୯ ମାସରେ ୧୧ଜଣ ସାଇବର ଠକେଇର ଶିକାର
- ଅଧିକ ସଚେତନ ରହିବାକୁ ପରାମର୍ଶ ଦେଲେ ଏସ୍‌ପି
- ସମ୍ପୂର୍ଣ୍ଣ ଟଙ୍କା ଫେରି ପାଇଛନ୍ତି ୪ଆକାଉଣ୍ଟଧାରୀ

## ଜିଲାରେ ୫୩୩ ସକ୍ରିୟ ମାମଲା

ଢେଙ୍କାନାଳ ଅଫିସ, ୧୯।୯

ଢେଙ୍କାନାଳ ଜିଲାରୁ ଶନିବାର ୮୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୯୮୩ରେ ପହଞ୍ଚିଛି। ସେହିପରି ଦିନକରେ ୫୨ ଜଣ ଆରୋଗ୍ୟ ଲାଭ କରିବା ପରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୨୪୫୦ ହୋଇଛି। ଏବେ ଜିଲାରେ ୫୩୩ ସକ୍ରିୟ ମାମଲା ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୫, ସଦର ବ୍ଲକରୁ ୫, କାମାକ୍ଷାନଗର ବ୍ଲକରୁ ୭, ଓଡ଼ାପଡ଼ା ବ୍ଲକରୁ ୨୨, ଭୁବନ ବ୍ଲକ ଓ ଏନ୍‌ଏସିରୁ ୬, ହିନ୍ଦୋଳ ବ୍ଲକ ଏବଂ ଏନ୍‌ଏସିରୁ ୩, ପରଜଙ୍ଗ ବ୍ଲକରୁ ୧୩, ଗଁଦିଆ ବ୍ଲକରୁ ୧୦ ଏବଂ କଙ୍କଡ଼ାହାଡ଼ ବ୍ଲକରୁ ଜଣେ ଅଛନ୍ତି । ସେହିପରି କଟକ ଓ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ୮ଜଣ ପଜିଟିଭ୍ ବୋଲି ଜଣାପଡ଼ିଛନ୍ତି। ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ଏବଂ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ସେମାନେ ରହୁଥିବା ବାସଗୃହ ଓ ସଂଲଗ୍ନ ଅଞ୍ଚଳକୁ ବିଶୋଧନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବାଲି ବୋଝେଇ ଟ୍ରାକ୍ଟର ଜବତ

**ଢେଙ୍କାନାଳ ଅଫିସ, ୧୯।୯:** ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ଗ୍ରାମ ନିକଟରୁ ଶନିବାର ସନ୍ଧ୍ୟାରେ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି। ବ୍ରାହ୍ମଣୀ ନଦୀ ଘାଟରୁ ବେଆଇନ ଭାବେ ବାଲି ଚାଲାଣ କରାଯାଉଥିବା ସୂଚନା ପାଇ ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଟ୍ରାକ୍ଟର ମାଲିକଙ୍କଠାରୁ ୧୦,୩୦୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି।

### ଦୋକାନରୁ ଚୋରି

**ବଇଣ୍ଡା, ୧୯।୯(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଛକଠାରେ ଲୁହାମୁଣ୍ଡା ଗ୍ରାମର ସନ୍ତୋଷ ପ୍ରଧାନଙ୍କ କୁକୁଡା ଦୋକାନରୁ ଶୁକ୍ରବାର ରାତିରେ ୪୦ଟି କୁକୁଡା ଚୋରି ହୋଇଛି। ଏ ନେଇ ସେ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ଚୋରି କରିଥିବା ଅଭିଯୋଗ ହୋଇଛି। ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କଡାକଡି କରାଯିବାକୁ ସାଧାରଣରେ ଦାବି ହୋଇଛି।

### ୭୩ ଜଣଙ୍କ ସ୍ୱାବ୍ ସଂଗ୍ରହ

**ବଇଣ୍ଡା, ୧୯।୯(ଡି.ଏନ.ଏ.):** କିଶୋରନଗର ବ୍ଲକ କଣ୍ଟେଇକୁଳିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ଶନିବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭୩ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ପୂର୍ବରୁ ଗ୍ରାମରେ ୧୯ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ବଇଣ୍ଡା ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, ଡ. ହରପ୍ରିୟା ବିଶ୍ୱାଳ, ନିହାରିକା ନାୟକ, ସେବତୀ ସାହୁ, ସରୋଜ ସାହୁ, ପ୍ରିୟମ୍ବଦା ସାହୁ ପ୍ରମୁଖ ସ୍ୱାବ୍ ସଂଗ୍ରହ କରିଥିଲେ।

### ଗାଡ଼ି ଶୋ ରୁମ୍ ସିଲ୍

**ବଅଁରପାଳ, ୧୯।୯(ଡି.ଏନ.ଏ.):** ବଅଁରପାଳ ବ୍ଲକ କୁଲାଡଠାରେ ଥିବା ଏକ ଗାଡ଼ି ଶୋ ରୁମ୍‌ରୁ ୪ ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ଏହା ଜଣାପଡିବା ପରେ ଶନିବାର ଜିଲା ପ୍ରଶାସନ ପକ୍ଷରୁ ଏହି ଶୋ ରୁମ୍‌କୁ ସିଲ୍ କରିଦିଆଯାଇଛି। ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ବଅଁରପାଳ ଅତିରିକ୍ତ ବିଡିଓ ମାଧବ ଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଶ୍ୟାମ ସୁନ୍ଦର ସାହୁ ଓ ନାଲ୍‌କୋ ପୋଲିସ ପହଞ୍ଚି ଶୋ ରୁମ୍ ସିଲ୍ କରିଛନ୍ତି।

### ଏନ୍‌ଟିପିସିରୁ ଅଜଗର ଉଦ୍ଧାର


ଉଦ୍ଧାର ହୋଇଥିବା ଅଜଗର।

**କଣିହାଁ, ୧୯।୯(ଡି.ଏନ.ଏ.):** କଣିହାଁ ବ୍ଲକ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରୁ ଶନିବାର କଣିହାଁ ବନ ବିଭାଗ ଏକ ୧୨ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରିଛି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀଙ୍କ ସୂଚନା ମୁତାବକ, ପ୍ଲାଣ୍ଟରେ ସାପ ପଶିଥିବା ନେଇ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇବା ପରେ ଫରେଷ୍ଟ ଟିମ୍ ସହ ସ୍ନେକ ହେଲ୍ପ ଲାଇନ ସଦସ୍ୟ ପହଞ୍ଚି ଅଜଗରକୁ ଉଦ୍ଧାର କରିଥିଲେ। ଏହାକୁ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଛି।

### ୨୨ ହଜାର ଜରିମାନା ଆଦାୟ

**କଣିହାଁ, ୧୯।୯(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ଅଞ୍ଚଳରେ କରୋନା କଟକଣାକୁ ଖାତିର କରୁ ନ ଥିବା ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଶନିବାର କଣିହାଁ ଓ ଏନ୍‌ଟିପିସି ଥାନା ପକ୍ଷରୁ ଲୋକେ ମାସ୍କ ବ୍ୟବହାର କରୁଛନ୍ତି କି ନା ତାହା ଯାଞ୍ଚ କରାଯାଇଥିଲା। କଣିହାଁ ଥାନା ଅଞ୍ଚଳରେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧୭ ହଜାର ୫ଶହ ଟଙ୍କା ଓ ଏନ୍‌ଟିପିସି ଥାନା ପକ୍ଷରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ପତିତପାବନ ଦେବତା ସୂଚନା ଦେଇଛନ୍ତି।

## ଶହୀଦଙ୍କ ପରିବାରକୁ ୧୦ ଲକ୍ଷ ସହାୟତା


ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଶହୀଦଙ୍କ ପରିବାରକୁ ସମବେଦନା ଜଣାଉଛନ୍ତି।

ବଇଣ୍ଡା, ୧୯।୯(ଡି.ଏନ.ଏ.)

କନ୍ଧମାଳ-କଳାହାଣ୍ଡି ସୀମାନ୍ତରେ ଗତ ୯ ତାରିଖରେ ମାଓବାଦୀଙ୍କ ଗୁଳିରେ ଶହୀଦ ହୋଇଥିବା କିଶୋରନଗର ବ୍ଲକ ଅଙ୍ଗପଡା ଗ୍ରାମର ଏସ୍‌ଓଜି ଯବାନ ଦେବାଶିଷ ସେଠୀଙ୍କ ପରିବାରକୁ ଶନିବାର ଭେଟିଛନ୍ତି ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଶହୀଦଙ୍କ ପିତା ସନାତନ ସେଠୀ, ମା' ଛାୟା ସେଠୀଙ୍କୁ ସମବେଦନା ଜଣାଇବା ସହ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଓଡ଼ିଶା ସରକାରଙ୍କ ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଅମିତାଭ ଠାକୁର, ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂ, ଡିଆଇଜି ଏସ୍‌ଓଜି ଅନିରୁଦ୍ଧ ସିଂ, ତାଳଚେର ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ବିଡିଓ ଅମୃତା ପ୍ରିୟମ୍ବଦା, ଆଠମଲ୍ଲିକ ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ପ୍ରମୁଖ ଶହୀଦଙ୍କ ପରିବାରକୁ ଭେଟିଥିଲେ। ସେହିପରି ଅପରାହ୍ନରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମଧ୍ୟ ପହଞ୍ଚି ପରିବାରକୁ ସମବେଦନା ଜଣାଇଥିଲେ।

## ସ' ମିଲ୍‌ରୁ ବିପୁଳ କାଠ ଜବତ

ଭୁବନ, ୧୯।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାଉଁଶକଣସ୍ଥିତ ପୀତି ଇଣ୍ଡଷ୍ଟ୍ରିଜ୍‌ସ' ମିଲ୍‌ରେ ଶନିବାର ବନ ବିଭାଗ ଚଢ଼ାଉ କରିଛି। ଘଟଣାସ୍ଥଳରୁ ୪ ଲଗ୍ ଏବଂ ୩୦ ସାଇଜ୍ କାଠକୁ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ଆକଳନ କରାଯାଉଛି। ତଦନ୍ତ ଚାଲିଥିବାରୁ ସୋମବାର ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଡିଏଫ୍‌ଓ ପ୍ରକାଶ ଚାନ୍ଦ ଗୁଗିନାନିଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ାଉରେ ଏସିଏଫ୍ ସୁବ୍ରତ ପାତ୍ର, ରେଞ୍ଜର ଅନିତା ସେଠୀ, ଫରେଷ୍ଟର କବିତା ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରଶାସନ-ପଥର ମାଫିଆ ଛକାପଞ୍ଝା

ଢେଙ୍କାନାଳ ଅଫିସ, ୧୯।୯

ପ୍ରଶାସନ ଆଖିରେ ଧୂଳିଦେଇ ସୁରକ୍ଷିତ ଭାବେ ପଥର ଚୋରା ଚାଲାଣ କରିବାକୁ କରାଯାଇଛି ହ୍ୱାଟ୍‌ସ ଆପ୍ ଗ୍ରୁପ୍। ତହସିଲ କର୍ମଚାରୀଙ୍କ ଉପରେ ନଜର ରଖୁଛନ୍ତି ପଥର ମାଫିଆ। ଚଢ଼ାଉ ପାଇଁ ଯାଉଥିବା ଗାଡ଼ିର ନମ୍ବର କ'ଣ, ଏହା କେଉଁ ରାସ୍ତାରେ ଯାଉଛି, ପଥର ଖାଦାନଠାରୁ କେତେ ଦୂରରେ ରହିଛି ସେ ସମ୍ପର୍କିତ ସବିଶେଷ ସୂଚନା ତତ୍‌କ୍ଷଣାତ୍ ଗ୍ରୁପ୍‌ରେ ଦିଆଯାଉଛି। ଟେକ୍ନୋଲୋଜିର ଅପବ୍ୟବହାର କରି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏପରି କାର୍ଯ୍ୟ କରୁଥିବା ଢେଙ୍କାନାଳ ଜିଲା ପ୍ରଶାସନକୁ ତଥ୍ୟ ମିଳିଛି। ଏହାପରେ ପ୍ରଶାସନ ଏବଂ ପଥର ଚାଲାଣକାରୀଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝା ଆହୁରି ତୀବ୍ର ହୋଇଛି। ତହସିଲ ପକ୍ଷରୁ ଧରପଗଡ଼ ଅଭିଯାନ ଜୋରଦାର କରାଯାଇଥିବାବେଳେ ପଥର ମାଫିଆଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି।

ବେଆଇନ ପଥର ଖାଦାନରୁ ଚୋରା ଚାଲାଣ ରୋକିବା ପାଇଁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ପ୍ରଶାସନ, ରାଜସ୍ୱ ବିଭାଗ, ପୋଲିସର ଘନଘନ ଚଢ଼ାଉ ପଥର ଚାଲାଣକାରୀଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ଏଥିରୁ ବର୍ତ୍ତିବାକୁ ଓଡ଼ାପଡ଼ା ତହସିଲ ଅଞ୍ଚଳର ଚୋରା ପଥର ବ୍ୟବସାୟୀ ହ୍ୱାଟ୍‌ସଆପ୍ ଗ୍ରୁପ୍ କରିଥିବା ଜଣାପଡ଼ିଛି। ଗତ ୮ ତାରିଖରେ ଉକ୍ତ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ଜଣେ ସଦସ୍ୟଙ୍କ ମୋବାଇଲ ଜବତ କରାଯିବା ପରେ ଚୋରାପଥର ଚାଲାଣ ସମ୍ପର୍କରେ ଅନେକ ତଥ୍ୟ ପଦାକୁ ଆସିଛି। ମୋବାଇଲ ଯାଞ୍ଚରୁ ଚଢ଼ାଉରେ ସାମିଲ ହୋଇଥିବା ଅଧିକାରୀମାନେ ବ୍ୟବହାର କରୁଥିବା ବୋଲେରୋ (ନଂ. ଓଡ଼ି ୦୬ ସି ୩୧୦୯) କୁଆଡ଼େ ଯାଉଛି ସେ ସମ୍ପର୍କରେ ଭଏସ୍ ରେକର୍ଡିଂ ଏବଂ ଚାଟ୍ ମାଧ୍ୟମରେ ସୂଚନା ଦିଆଯାଉଥିବା ଜଣାପଡ଼ିଛି। ଏ ନେଇ ତହସିଲଦାର ସାଗରିକା ସାହୁ ମୋଟଙ୍ଗା ଥାନାରେ ବିଧିବଦ୍ଧ ଅଭିଯୋଗ କରିବା ସହିତ ଜବତ ମୋବାଇଲକୁ ପୋଲିସ ଜିମାରେ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଭାବେ ଅବଗତ ମଧ୍ୟ କରାଯାଇଛି । ଥାନାରେ ନଂ. ୧୯୦/୨୦ରେ ମାମଲା ରୁଜୁ ହୋଇଛି। ସେହିପରି ଗଁଦିଆ ତହସିଲ ଅନ୍ତର୍ଗତ ନିହଲପ୍ରସାଦ ଥାନା ଅସନବାହାଳି ଏବଂ ଟୋଲରପଶି ଅଞ୍ଚଳର ଜଙ୍ଗଲ ଜମିକୁ ଦୈନିକ ୬୦ରୁ ୭୦ ଗାଡିରେ ବ୍ୟାପକ ପଥର ଚୋରା ଚାଲାଣ କରାଯାଉଥିବା ଜଣାପଡ଼ିଛି। ଅପରପକ୍ଷେ ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ଚଢ଼ାଉକୁ ଜୋର୍‌ଦାର କରାଯାଇଛି। ଶନିବାର ସକାଳେ ଓଡ଼ାପଡ଼ା ତହସିଲ ଅଧୀନ ରାଣୀବଣିଆ ଅଞ୍ଚଳରେ ଚାଲିଥିବା ବେଆଇନ ପଥର ଖାଦାନରେ ଚଢ଼ାଉ କରି ୫ ପଥର ବୋଝେଇ ଟିପ୍ପର ଜବତ କରାଯାଇଛି। ଜବତ ଟିପ୍ପରକୁ ଗୁଡିଆକାଟେଣୀସ୍ଥିତ ପୋଲିସ ବିଟ୍ ହାଉସ ଜିମା ଦିଆଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ନେତୃତ୍ୱରେ ତହସିଲଦାର ସାଗରିକା ସାହୁ, ରାଜସ୍ୱ ବିଭାଗ ଅଧିକାରୀ ଏବଂ ପୋଲିସ ଉପସ୍ଥିତିରେ ଏହି ଚଢ଼ାଉ କରାଯାଇଥିଲା।

ଏ ନେଇ ଉପଜିଲାପାଳ କୁହନ୍ତି, ଓଡାପଡା ତହସିଲ ଅଞ୍ଚଳରେ ପଥର ମାଫିଆମାନେ ମୋବାଇଲ ଫୋନ୍‌ରେ ମା' ରାମଚଣ୍ଡୀ ଗ୍ରୁପ୍ ନାମକ ଏକ ଗ୍ରୁପ୍ କରିଛନ୍ତି। ସେମାନେ ପ୍ରଶାସନିକ ଅଧିକାରୀଙ୍କ ଉପରେ ନଜର ରଖୁଛନ୍ତି। ତଥାପି ପ୍ରଶାସନ ପକ୍ଷରୁ ଚଢ଼ାଉ ଜାରି ରହିଛି। ମୋଟଙ୍ଗା ଥାନାଧିକାରୀ ସରୋଜିନୀ ସାମ୍ଭାଡ୍ କୁହନ୍ତି, ତହସିଲଦାରଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ କରାଯାଉଛି।


ଜବତ ହୋଇଥିବା ପଥର ବୋଝେଇ ଟିପ୍ପର।

- ଧରାପଡ଼ିଲା ଅଭିଯୁକ୍ତଙ୍କ ହ୍ୱାଟ୍‌ସ ଆପ୍ କାରସାଦି
- ଚଢ଼ାଉ ପାଇଁ ଗଲେ ଆଗୁଆ ଦେଉଥିଲେ ସୂଚନା
- ମୋବାଇଲ ଜବତ, ଚମ୍ପଟ ମାରିଲେ ଯୁବକ
- ଧରପଗଡ଼ ଅଭିଯାନ ଜୋରଦାର, ୫ ଟିପ୍ପର ଜବତ

## ପ୍ରତି ବୁଧବାର ଦୋକାନୀଙ୍କ କୋଭିଡ୍ ଟେଷ୍ଟ

ଅନୁଗୋଳ ଅଫିସ, ୧୯।୯

ଅନୁଗୋଳରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଗତ କିଛି ଦିନ ହେଲା ଦୈନିକ ଶତାଧିକ ନୂଆ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ତେଣୁ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶନିବାର ଅପରାହ୍ନରେ ଏକ ସମୀକ୍ଷା ବୈଠକ କରିଥିଲେ। ଜିଲାର ବ୍ୟବସାୟୀମାନଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ସପ୍ତାହର ପ୍ରତ୍ୟେକ ବୁଧବାର ସେମାନଙ୍କ କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ ଭାବେ କରାଯିବ ବୋଲି ବୈଠକରେ ଜିଲାପାଳ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ।

ବନ୍ଦ ରହିଥିବା ଆଦର୍ଶ କୋଭିଡ୍ କେୟାର ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇ ୫ଟି ବ୍ଲକ ଆଠମଲ୍ଲିକ, କିଶୋରନଗର, ବଅଁରପାଳ, ଅନୁଗୋଳ, ଛେଣ୍ଡିପଦାର ଆକ୍ରାନ୍ତଙ୍କୁ ଚିକିତ୍ସା କରାଯିବାର ବ୍ୟବସ୍ଥା ହେବ ବୋଲି ଜିଲାପାଳ କହିଛନ୍ତି। ସେହିପରି ପାଲଲହଡ଼ା, କଣିହାଁ ଓ ତାଳଚେରର ଆକ୍ରାନ୍ତଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲରେ ଚିକିତ୍ସା ଯୋଗାଇ ଦିଆଯିବ। ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳକୁ ସାନିଟାଇଜ୍ ପମ୍ପ ପ୍ରଦାନ କରାଯିବ। ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀମାନେ ସ୍କ୍ୱାଡ୍ ଗଠନ କରି ସାନିଟାଇଜ୍ କାର୍ଯ୍ୟ ତଦାରଖ କରିବେ। ସେହିପରି ପ୍ରବର୍ତ୍ତନ(ଏନ୍‌ଫୋର୍ସମେଣ୍ଟ) କାର୍ଯ୍ୟକୁ କଡ଼ା କଡ଼ି ଭାବେ କାର୍ଯ୍ୟକାରୀ କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କରୋନା ଆକ୍ରାନ୍ତଙ୍କୁ ନେବା ଆଣିବା ପାଇଁ ପ୍ରତି ବ୍ଲକରେ ଅକ୍ସିଜେନ୍ ଥିବା ଆମ୍ବୁଲାନ୍ସ ଯୋଗାଇ ଦିଆଯିବ। ଯେଉଁ ବ୍ୟକ୍ତିଙ୍କର କୌଣସି ଲକ୍ଷଣ ଥିବ ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଆସି ସ୍ୱାବ୍ ପରୀକ୍ଷା କରାଇପାରିବେ। କୋଭିଡ୍ ପରିଚାଳନା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ୩ଟି ରଙ୍ଗର ଷ୍ଟିକର ଲଗାଯିବ। ହୋମ୍ ଆଇସୋଲେଶନ୍‌ରେ ରହୁଥିବା ଆକ୍ରାନ୍ତଙ୍କ ପାଇଁ ଲାଲ୍ ଷ୍ଟିକର, ହୋମ୍ କ୍ୱାରାଣ୍ଟାଇନ୍ (ଜିଲା ବାହାରୁ ଆସୁଥିବା) ବ୍ୟକ୍ତିଙ୍କ ପାଇଁ ହଳଦିଆ ଓ କରୋନା ପରୀକ୍ଷା ପାଇଁ ନମୁନା ଦେଇ ଆଇସୋଲେଶନ୍‌ରେ ଥିବା ବ୍ୟକ୍ତିଙ୍କ ପାଇଁ ସବୁଜ ପରାମର୍ଶ ଷ୍ଟିକର ଲଗାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ କୁମାର ଦାଶ, ଡେପୁଟୀ କଲେକ୍ଟର ବଇତୁରା ଦୀପଙ୍କ ସମେତ ଜିଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକ।

- ଜିଲାପାଳଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ
- ପ୍ରତି ବ୍ଲକ, ପୌରାଞ୍ଚଳକୁ ଦିଆଯିବ ସାନିଟାଇଜ୍ ପମ୍ପ
- ଏଣିକି କୋଭିଡ୍ ପରିଚାଳନା ପାଇଁ ୩ ରଙ୍ଗର ଷ୍ଟିକର

### ଆଜିଠାରୁ କଡ଼ାକଡ଼ି ଯାଞ୍ଚ

**ଅନୁଗୋଳ ଅଫିସ, ୧୯।୯:** ଅନୁଗୋଳ ସହରରେ ରବିବାରଠାରୁ କୋଭିଡ୍ କଟକଣା ନେଇ କଡ଼ାକଡ଼ି ଯାଞ୍ଚ କରାଯିବ। ୩ ଦିନ ଧରି ଲୋକଙ୍କୁ ସଚେତନ କରାଯାଇଛି। ପୌରପାଳିକା ପକ୍ଷରୁ ଶନିବାର ବିଭିନ୍ନ ବ୍ୟବସାୟୀଙ୍କୁ ଡକାଯାଇ ଆଲୋଚନା କରାଯାଇଛି। ଦୋକାନରେ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରିବାକୁ ବ୍ୟବସାୟୀମାନଙ୍କୁ କୁହାଯାଇଛି। ଏହି ନିୟମକୁ ଅମାନ୍ୟ କଲେ ଦୋକାନ ସିଲ୍ କରାଯିବ ବୋଲି ଜିଲାପାଳଙ୍କ ନିର୍ଦ୍ଦେଶନାମା ରହିଥିବା ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଏଥିସହ ଅମାନିଆଙ୍କ ନିକଟରୁ ଜରିମାନା ଆଦାୟ ରବିବାର ଠାରୁ କରାଯିବ। ସହରରେ ଦୋକାନ ଗୁଡ଼ିକର ଯାଞ୍ଚ ପୌରପାଳିକାର ଇଣ୍ଟରନାଲ କମିଟି କରିବ। ସହରରେ ଥିବା ମାଛ ମାର୍କେଟର ସ୍ଥିତି ମଧ୍ୟ ରବିବାର ଅନୁଧ୍ୟାନ କରାଯିବ।

### ଦିନକରେ ରେକର୍ଡ ୨୨୬ ଆକ୍ରାନ୍ତ

**ଅନୁଗୋଳ ଅଫିସ, ୧୯।୯:** ଅନୁଗୋଳ ଜିଲାରୁ ଗୋଟିଏ ଦିନରେ ସର୍ବାଧିକ ୨୨୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୨୬୬୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ସର୍ବାଧିକ ୪୯ ଜଣ ଥିବାବେଳେ ବଅଁରପାଳ ବ୍ଲକରୁ ୪୨, ଅନୁଗୋଳ ପୌରାଞ୍ଚଳରୁ ୪୦, ଛେଣ୍ଡିପଦା ବ୍ଲକରୁ ୨୨, ଅନୁଗୋଳ ବ୍ଲକରୁ ୧୯, କଣିହାଁ ବ୍ଲକରୁ ୧୮, ପାଲଲହଡ଼ା ବ୍ଲକରୁ ୧୮, କିଶୋରନଗର ବ୍ଲକରୁ ୧୦, ତାଳଚେର ପୌରାଞ୍ଚଳରୁ ୪, ଆଠମଲ୍ଲିକ ବ୍ଲକରୁ ୪ ଜଣ ରହିଛନ୍ତି। ସେହିପରି ଦିନକରେ ୭୪ ଜଣ ସୁସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### ପୋଖରୀ ହୁଡ଼ା କାଟି ଦେଲେ ଦୁର୍ବୃତ୍ତ, ଥାନାରେ ଏତଲା

**ଲୋଇସିଂହା,୧୯।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର କୁଟୁମୁଣ୍ଡା ପୋଖରୀକୁ ପଞ୍ଚାୟତ ପକ୍ଷରୁ ନିଲାମ ଦିଆଯାଇଛି। ଚଳିତ ମାସ ୧ ତାରିଖରେ ୩ ବର୍ଷ ପାଇଁ ରାମପ୍ରସାଦ ପଧାନ ଏହି ପୋଖରୀରେ ମାଛଚାଷ ପାଇଁ ନିଲାମ ନେଇଛନ୍ତି। ସେପ୍ଟେମ୍ବର ୨ ତାରିଖ ଦିନ ସେ ୨୩ ହଜାର ୯ ଶହ ଟଙ୍କାର ମାଛ ଯାଆଁଳ ଛାଡ଼ିଥିଲେ। ହେଲେ କେତେଜଣ ଦୁର୍ବୃତ୍ତ ଜେସିବି ନେଇ ପୋଖରୀ ହୁଡ଼ାକୁ କାଟି ଦେଇଛନ୍ତି। ଏଥିଯୋଗୁ ମାଛ ଯାଆଁଳ ବାହାରକୁ ଚାଲି ଯାଇଥିବା ରାମପ୍ରସାଦ ଶୁକ୍ରବାର ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ମାଛ ଯାଆଁଳ ବାବଦ କ୍ଷତିପୂରଣ ଓ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ନିଲାମଧାରୀ ପଧାନ। ଏସ୍ଆଇ ନବୀନ ଭୋଇ ଏହି ମାମଲାର ତଦନ୍ତ କରୁଛନ୍ତି।

### ବରିଷ୍ଠ ଆଡଭୋକେଟ୍‌ଙ୍କ ପରଲୋକ

**ବରଗଡ଼ ଅଫିସ୍,୧୯।୯:** ବରଗଡ଼ର ବରିଷ୍ଠ ଆଡ଼ଭୋକେଟ୍ କଳ୍ପବଟ ସାହୁ(୭୬)ଙ୍କ ଶନିବାର ପରଲୋକ ଘଟିଛି। ସ୍ୱର୍ଗତ ସାହୁ ବରଗଡ଼ ଓକିଲ ସଂଘର ପୂର୍ବତନ ସଭାପତି, ଲାୟନ୍ସ କ୍ଲବର ପୂର୍ବତନ ସଭାପତି, ଦିବ୍ୟ ଜୀବନ ସଂଘ ବରଗଡ଼ ଶାଖାର ସଂସ୍ଥାପକ, ଗାନ୍ଧୀ ସ୍ମୃତି ପାଠାଗାରର ସଦସ୍ୟ ଥିଲେ ।

### ବରଗଡ଼ରେ ପୁଣି ୨କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

**ବରଗଡ଼ ଅଫିସ୍,୧୯।୯:** ବରଗଡ଼ ଜିଲାରେ ପୁଣି ୨କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲାରେ ମୃତକଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି । ସେହିପରି ଶନିବାର ୩ଶିଶୁଙ୍କ ସମେତ ୧୧୬ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ସଂକ୍ରମିତଙ୍କ ସଂଖ୍ୟା ୫୧୨୪ରେ ପହଞ୍ଚିଛି। ସେହିପରି ଶନିବାର ୨୪୭ଜଣ ଆରୋଗ୍ୟ ଲାଭ କରିଛନ୍ତି ।

### ଜାତିଗତ ପ୍ରମାଣପତ୍ର ପାଇ ପାରୁ ନାହାନ୍ତି ଛାତ୍ରୀଛାତ୍ର

**ଲାଠୋର, ୧୯।୯ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ ଅଞ୍ଚଳର ଛାତ୍ରୀଛାତ୍ରମାନେ ଜାତିଗତ ପ୍ରମାଣ ପତ୍ର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ପିଲାମାନେ ବିଭିନ୍ନ ପ୍ରତିଯୋଗୀତାମୂଳକ ପରୀକ୍ଷା ଦେଇଛନ୍ତି। ବର୍ତ୍ତମାନ ଫଳାଫଳ ବାହାରିବା ଉପରେ ରହିଛି। ନାମ ଲେଖାଇବା ସମୟରେ ସମସ୍ତ ପିଲାଙ୍କୁ ଜାତିଗତ, ବାସିନ୍ଦା ଏବଂ ରୋଜଗାର ପ୍ରମାଣ ପତ୍ରର ଆବଶ୍ୟକତା ରହିଛି। ପିଲାମାନେ ଏହି ସବୁ ପ୍ରମାଣ ପତ୍ର ପାଇବା ପାଇଁ ଦୀର୍ଘ ମାସରୁ ତହସିଲଦାରଙ୍କୁ ଆବେଦନ କରିଥିଲେ ମଧ୍ୟ ଆଜି ଯାଏ ପ୍ରମାଣ ପତ୍ର ପାଇନାହାନ୍ତି। ଅପରପକ୍ଷେ କେତେକଙ୍କ ଆବେଦନ ଫର୍ମକୁ ଖାରଜ କରି ଦିଆଯାଇଥିଲେ ମଧ ତାର ପ୍ରକୃତ କାରଣ ସମ୍ପର୍କରେ ପିଲାଙ୍କୁ ଅବଗତ କରାଯାଇନାହିଁ। ଫଳରେ ପିଲାମାନେ ପ୍ରମାଣ ପତ୍ର ପାଇବା ନେଇ ଆଶଙ୍କାରେ ରହିଛନ୍ତି। ଏନେଇ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସଭ କରି ନ ଥିଲେ। ପାଟଣାଗଡ ଉପଜିଲାପାଳ ସୋମନାଥ ପଧାନ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବଢ଼ିବ ହାତୀ ସଂରକ୍ଷିତ ଜଙ୍ଗଲ ପରିସୀମା

**ସମ୍ବଲପୁର,୧୯।୯ (ବ୍ୟୁରୋ)**

- ୨୭୦୦ ବର୍ଗ କି.ମି.କୁ ବୃଦ୍ଧି ଲକ୍ଷ୍ୟ
- କମିବ ହାତୀ-ମଣିଷ ଲଢ଼େଇ
- ଆସନ୍ତା ସପ୍ତାହରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ

ବନ୍ୟପ୍ରାଣୀ ସୁରକ୍ଷା ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରୁଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ନେଇ ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟବରାଦ ହେଉଛି। ସଚେତନ କାର୍ଯ୍ୟକ୍ରମ ସହ ବନ୍ୟପ୍ରାଣୀଙ୍କ ଖାଦ୍ୟ ପାନୀୟ ବ୍ୟବସ୍ଥାରେ ଖର୍ଚ୍ଚ କରାଯାଉଛି। ବିଶେଷ କରି ହାତୀ ଓ ବାଘଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ଜଙ୍ଗଲ ରହିଛି । ରାଜ୍ୟରେ ସମ୍ବଲପୁର, ମହାନଦୀ ଓ ଚନ୍ଦକା ୩ଟି ସଂରକ୍ଷିତ ଜଙ୍ଗଲ ରହିଛି । ହେଲେ ଜଙ୍ଗଲରେ ଖାଦ୍ୟ, ପାନୀୟ ତଥା ଅନ୍ୟାନ୍ୟ ସମସ୍ୟା ଯୋଗୁ ହାତୀପଲ ଗାଁ ଓ ସହର ମୁହାଁ ହେଉଛନ୍ତି। ପ୍ରତି ବର୍ଷ ହାତୀ ଓ ମଣିଷଙ୍କ ଭିତରେ ଲଢେଇ ହୋଇ ଧନ ଜୀବନ ନଷ୍ଟ ହେଉଛି। କେବେ ମଣିଷର ଜୀବନ ନେଉଛି ହାତୀ ତ ପୁଣି କେବେ ଦାନ୍ତ ପାଇଁ ଶିକାରୀ ଗୁଳିରେ ହାତୀର ଜୀବନ ଯାଉଛି। ସେହିଭଳି ରୋଗରେ ପଡ଼ି କେବେ ହାତୀର ଜୀବନ ଯାଉଛି ତ ପୁଣି କେବେ ଫସଲ ନଷ୍ଟ କରୁଥିବାରୁ ଅତିଷ୍ଠ ହୋଇ ଲୋକେ ଜୀବନ ନେଉଛନ୍ତି। ଏଣୁ ହାତୀ ବଂଶ ସୁରକ୍ଷିତ ନାହାନ୍ତି। ଏମାନଙ୍କ ସଂଖ୍ୟାରେ ବୃଦ୍ଧି ପାଉ ନାହିଁ। ଏହି ସମସ୍ୟାର ସମାଧାନ ପାଇଁ ହାତୀ ସଂରକ୍ଷିତ ଜଙ୍ଗଲର ପରିସୀମା ବୃଦ୍ଧି କରିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିପାଇଁ ସରକାରଙ୍କୁ ପ୍ରାଥମିକ ରିପୋର୍ଟ ପ୍ରଦାନ କରାଯାଇଛି। ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି। ଆସନ୍ତା ୭ ଦିନ ଭିତରେ ରିପୋର୍ଟ ଦାଖଲ କରାଯିବ।

ସମ୍ବଲପୁରରେ ହାତୀଙ୍କ ପାଇଁ ପୂର୍ବରୁ ପ୍ରାୟ ୪୬୮ ବର୍ଗ କି.ମି. ସଂରକ୍ଷିତ ଜଙ୍ଗଲ ରହିଛି। ଯାହା ଏବେ ପ୍ରାୟ ୨୧୭୮ ବର୍ଗ କି.ମି.କୁ ବୃଦ୍ଧି ପାଇ ପ୍ରାୟ ୨୭ ଶହ କି.ମି.କୁ ଛୁଇଁବ ବୋଲି ସମ୍ବଲପୁର ଡିଏଫଓ ଡ. ସଞ୍ଜିତ କୁମାର କହିଛନ୍ତି। ସେ କହିଛନ୍ତି ଯେ, ଜଙ୍ଗଲ ଅଭାବ, ପରିବେଶ ପରିବର୍ତ୍ତନ ହିଁ ହାତୀଙ୍କ ପାଇଁ ବିପଦ ଆଣୁଛି। ଏଣୁ ସେମାନେ ଅସୁରକ୍ଷିତ ରହୁଛନ୍ତି। ହାତୀଙ୍କ ସଂଖ୍ୟା ମଧ ଠିକ୍ ଭାବେ ବୃଦ୍ଧି ପାଉ ନାହିଁ। ତେଣୁ ଏହା ଉପରେ ଗବେଷକ ଆର. ସୁକୁମାର ରିପୋର୍ଟ ପ୍ରଦାନ କରିଥିଲେ । ତେଣୁ ସରକାର ଜଙ୍ଗଲ ପରିସୀମା ବୃଦ୍ଧି ନେଇ ଯୋଜନା ଆରମ୍ଭ କରିଛନ୍ତି। ଏବେ ସମ୍ବଲପୁର ଓ ମହାନଦୀ ହାତୀ ସଂରକ୍ଷିତ ଜଙ୍ଗଲର ପରିସୀମା ବୃଦ୍ଧି କରାଯିବ। ସମ୍ବଲପୁର ପାଇଁ ପ୍ରାଥମିକ ରିପୋର୍ଟ ରାଜ୍ୟ ସରକାରଙ୍କ ପାଖରେ ଦାଖଲ କରାଯାଇଛି। ବୃଦ୍ଧି ପାଇବାକୁ ଥିବା ୨୭ ଶହ ବର୍ଗ କି.ମି. ଜଙ୍ଗଲ ପରିସୀମା ଭିତରେ ସମ୍ବଲପୁର ଜିଲା ବାମରା ଡିଭିଜନର ବଡରମା, ଜମନକିରା, ଖଳାଶୁଣି, ରେଢାଖୋଲ ଡିଭିଜନର ଚାରମାଳ, ଗିରିଶଚନ୍ଦ୍ରପୁର, ମୁଚିବାହାଲ, ନାକଟିଦେଉଳ, ରାମପୁର, ସମ୍ବଲପୁର ଡିଭିଜନର ସଦର, ଧମା, ପଡିଆବାହାଲ ରେଞ୍ଜ, ଦେବଗଡ ଜିଲାର ଦେବଗଡ ଡିଭିଜନ ଅଧୀନ ରିଆମାଳ ଓ ଦେବଗଡ ରେଞ୍ଜ, ଅନୁଗୋଳ ଜିଲାର ଆଠମଲ୍ଲିକ ଡିଭିଜନ ଅଧୀନ ବାମୁର ଓ ହଣ୍ଡପା ରେଞ୍ଜ, ଅନୁଗୋଳ ଡିଭିଜନର ଛେଣ୍ଡିପଦା ରେଞ୍ଜ ରହିଛି।

ହାତୀମାନେ ବିଭିନ୍ନ କାରଣରୁ ଅନେକ ସମୟରେ ଜଙ୍ଗଲରୁ ଜନବସତି ଅଞ୍ଚଳକୁ ଚାଲି ଆସୁଛନ୍ତି । ଜଙ୍ଗଲ ପରିସୀମା ବୃଦ୍ଧି ସହ ପାଣି, ଖାଦ୍ୟ ବ୍ୟବସ୍ଥା କରାଗଲେ ସେମାନେ ଆଉ ବାହାରକୁ ନ ଆସି ସୁରକ୍ଷିତ ରହିବେ। ଏଥିସହ ହାତୀଙ୍କ ଖାଇବାଯୋଗ୍ୟ ଅଧିକ ବୃକ୍ଷ ରୋପଣ କରାଯିବ। ପରିସୀମାରେ ବୃଦ୍ଧି ହେଲେ ଅଧିକ ଅନୁଦାନ ଅନୁମୋଦନ ହେବ। ସେମାନଙ୍କ ସୁରକ୍ଷା ଲାଗି ପାଟ୍ରୋଲିଂ, ଟ୍ରାକିଂକୁ ଅଧିକ ଜୋରଦାର କରାଯିବ। ଟ୍ରେଞ୍ଚ ନିର୍ମାଣ କରାଯାଇ ସୁରକ୍ଷା ବ୍ୟବସ୍ଥାରେ ବୃଦ୍ଧି କରାଯିବ। ହାତୀ ଚଲାପଥଗୁଡିକ ନିର୍ମାଣ କରାଯିବ। ଏବେ ସହର, ରାସ୍ତାଘାଟ, ରେଳ ଲାଇନ ସବୁ ବୃଦ୍ଧି ପାଉଛି। ହେଲେ ହାତୀଙ୍କ ପାଇଁ ଜଙ୍ଗଲ ପରିସୀମା ବୃଦ୍ଧି ପାଉନି। ତେଣୁ ସମସ୍ୟା ହେଉଛି। ଜଙ୍ଗଲ ପରିସୀମା ବୃଦ୍ଧି ହେଲେ ହାତୀମାନେ ସହଜରେ ବିଚରଣ କରି ପାରିବେ। ସେମାନଙ୍କ ବଞ୍ଚିବା ଶୈଳୀରେ ପରିବର୍ତ୍ତନ ହେବ ଓ ସଂଖ୍ୟା ମଧ ବୃଦ୍ଧି ପାଇବ। ଏବେ ସମ୍ବଲପୁର ହାତୀ ସଂରକ୍ଷିତ ଜଙ୍ଗଲରେ ପ୍ରାୟ ୩୫୦ ହାତୀ ଥିବା ରିପୋର୍ଟ ରହିଛି। ସେମାନେ ପଡୋଶୀ ଜିଲାରେ ଲାଗିଥିବା ଜଙ୍ଗଲକୁ ଯିବା ଆସିବା କରୁଛନ୍ତି ବୋଲି ଡିଏଫ୍‌ଓ ସଞ୍ଜିତ କୁମାର କହିଛନ୍ତି।



ସମ୍ବଲପୁର ଜିଲାରେ ହାତୀ ସରକ୍ଷିତ ଜଙ୍ଗଲ ବୃଦ୍ଧି କରିବା ପାଇଁ ପ୍ରସ୍ତୁତ ହୋଇଥିବା ମ୍ୟାପ୍ ।

## ଆଇପିଏଲ ଡିଜିଟାଲ୍ ସ୍କୋରିଂରେ ବରଗଡ଼ର ଅନିଲ

**ବରଗଡ଼ ଅଫିସ୍,୧୯।୯**

ଟି୨୦ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ଶନିବାର ଆରମ୍ଭ ହୋଇଛି। ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ)ର ଆବୁଧାବିରେ ଆରମ୍ଭ ହୋଇଥିବା ଏହି ଲିଗ୍‌ରେ ଏଥର ଡିଜିଟାଲ ସ୍କୋରିଂ ଦାୟିତ୍ୱ ସମ୍ପାଦନ ପାଇଁ ବରଗଡ଼ ବ୍ଲକ କଟାପାଲି ଗ୍ରାମର ରାଜେନ୍ଦ୍ର ମେହେରଙ୍କ ପୁଅ ଅନିଲ ମେହେରଙ୍କୁ ସୁଯୋଗ ମିଳିଛି । ପିଲାବେଳୁ କ୍ରିକେଟ ପ୍ରତି ରୁଚି ରଖିଥିବା ଅନୀଲ ଆଇପିଏଲରେ ଖେଳିବାକୁ ଆଶା ରଖିଥିଲେ। ମାତ୍ର ତାଙ୍କୁ ସେହି ସୁଯୋଗ ମିଳି ନଥିଲେ ମଧ୍ୟ ଡିଜିଟାଲ ସ୍କୋରିଂ ସମ୍ପାଦନ ଦାୟିତ୍ୱ ମିଳିଥିବା ଯୋଗୁ ତାହା ମଧ୍ୟ ତାଙ୍କ ମନରେ ଖୁସି ଆଣି ଦେଇଛି ବୋଲି ସେ କହିଛନ୍ତି । ସେ ଦେଢ଼ବର୍ଷ ହେଲା ଆଇପିଏଲ ପାଇଁ ପ୍ରସ୍ତୁତ ହେଉଥିଲେ ଏବଂ ଦିଲ୍ଲୀରେ ଅବସ୍ଥାନ କରି ଏଇଏଲ୍ ନାମକ ଏକ କମ୍ପାନୀରେ ଡିଜିଟାଲ ସ୍କୋରିଂ, ଗ୍ରାଫିକ୍ସ କାମ କରୁଥିଲେ । ଏହି ଖବର ପ୍ରଚାରିତ ହେବା ପରେ ବରଗଡ଼ ଜିଲାର କ୍ରିକେଟପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ସୋସିଆଲ ମିଡ଼ିଆରେ ଜିଲାର ବିଭିନ୍ନ ବର୍ଗର ଲୋକଙ୍କଠାରୁ ଅନିଲଙ୍କୁ ପ୍ରଶଂସାର ସୁଅ ଛୁଟିଛି ।


ଅନିଲ କୁମାର ମେହେର ।

## ୨ବାଇକ୍ ଲୁଟେରା ଗିରଫ, ଚୋରି ବାଇକ୍ ଉଦ୍ଧାର

**ସୁନ୍ଦରଗଡ,୧୯।୯ (ଡି.ଏନ୍.ଏ.)**

ସୁନ୍ଦରଗଡ ଟାଉନ୍ ଥାନା ପୋଲିସ ଶନିବାର ୨ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ୨ଟି ଚୋରା ବାଇକ୍‌କୁ ପୋଲିସ ଉଦ୍ଧାର କରିଛି । ଗିରଫ ୨ଜଣ ବାଇକ୍ ଲୁଟେରା ହେଲେ ଡେଙ୍ଗିଭାଡିର ସାହିଲ ଅଲ୍ଲୀ (୨୧) ଓ ପତ୍ରା ମହମ୍ମଦ ଅବଦୁଲ (୧୯) । କିଞ୍ଜିରିକେଲା ଥାନା ଅଞ୍ଚଳର ଜଣେ ବ୍ୟକ୍ତି ସୁନ୍ଦରଗଡ ଡାକ୍ତରଖାନା ଆସିଥିବା ବେଳେ ଗତ ଅଗଷ୍ଟ ୧୪ ତାରିଖରେ ତାଙ୍କ ବାଇକ୍ (ଓଆର ୧୬ବି ୩୧୦୮)କୁ ଏମାନେ ଲୁଟି ନେଇଥିଲେ। ସେହିଭଳି ଶନିବାର ଆଉ ଜଣେ ବ୍ୟକ୍ତିଙ୍କ ବାଇକ୍ (ସିଜି ୧୪ ଏମ୍ ଏ -୬୬୭୬)କୁ ଲୁଟି ନେଇଥିଲେ। ଏ ନେଇ ଥାନାରେ ରିପୋର୍ଟ ହେବା ପରେ ପୋଲିସ ୨ଟି ଚୋରି ମାମଲା ରୁଜୁ କରି ତଦନ୍ତ ପରେ ଏହି ବାଇକ୍ ଲୁଟେରାଙ୍କୁ ଗିରଫ କରିଛି।

## ପୂର୍ବ ଶତ୍ରୁତାରୁ ହୋଇଥିଲା ହତ୍ୟା

**ବଲାଙ୍ଗୀର ଅଫିସ, ୧୯।୯**

### ବେହେରାପାଲି ହତ୍ୟା ଘଟଣା : ୨ ଗିରଫ

ବଲାଙ୍ଗୀର ସହରର ବେହେରାପାଲି ହତ୍ୟା ଘଟଣାରେ ଟାଉନ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ମଞ୍ଜିତ କୁମ୍ଭାର ଓ ରାଜେନ୍ଦ୍ର ବିଭାର । ହତ୍ୟାର ଶିକାର ହୋଇଥିଲେ ବୁର୍ଲାସ୍ଥିତ ୱାନର କଲୋନୀର କେଶବ କୁମ୍ଭାର(୩୫)। ଏଥିରେ ତାଙ୍କ ଭାଇ ତୁଷାର କୁମ୍ଭାର(୨୯) ଗୁରୁତର ହୋଇଥିଲେ। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଟାଉନ ଥାନା ଦାୟିତ୍ୱରେ ଥିବା ସଦର ଥାନା ଅଧିକାରୀ ତୋଫାନ ବାଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ତାଙ୍କ ସୂଚନା ଅନୁସାରେ କେଶବ କୁମ୍ଭାର ଓ ତୁଷାର କୁମ୍ଭାର ବୁର୍ଲାସ୍ଥିତ ୱାନର କଲୋନୀର ବାସିନ୍ଦା। ଗତ ୧୬ ତାରିଖରେ ବଲାଙ୍ଗୀର ସହରର ବେହେରାପାଲି ସ୍ଥିତ ତାଙ୍କ ସମ୍ପର୍କୀୟ ରଞ୍ଜନ କୁମ୍ଭାରଙ୍କ ଘରକୁ ସେମାନେ ଆସିଥିଲେ । ଗଲା ଗୁରୁବାର ସନ୍ଧ୍ୟାରେ ସେମାନେ ବଲାଙ୍ଗୀର ସହରରେ ବୁଲାବୁଲି କରୁଥିବା ବେଳେ ବେହେରାପାଲିର ମନଜିତ କୁମ୍ଭାର(୩୧) ଓ ରାଜେନ୍ଦ୍ର ବିଭାର(୩୦)ଙ୍କ ସହ ମୁହାଁମୁହିଁ ହୋଇଥିଲେ । ପୁରୁଣା କଥାକୁ ନେଇ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ତେବେ ପରିବାର ଲୋକଙ୍କ ହସ୍ତକ୍ଷେପ ପରେ ମାମଲା ଥଣ୍ଡା ପଡିଥିଲା । ହେଲେ ଶୁକ୍ରବାର ଅପରାହ୍ଣରେ ଉଭୟ ଗୋଷ୍ଠୀ ପୁଣି ମୁହାଁମୁହିଁ ହୋଇଥିଲେ। ଏଥିରେ ମନଜିତ ଉତ୍କ୍ଷିପ୍ତ ହୋଇ ଧରିଥିବା ଏକ ମଦ ବୋତଲ ଭାଙ୍ଗି ଭୁସି ଦେବାରୁ କେଶବ ଗୁରୁତର ହୋଇଥିଲେ । ଅଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ସହ ଥିବା ତୁଷାର କୁମ୍ଭାର ମଧ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ଟାଉନ ଥାନାରେ ଏକ ମାମଲା(ନଂ.୨୯୨/୨୦) ରୁଜୁ କରି ପୋଲିସ ତନାଘନା ଚଳାଇ ଦୁଇଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଆଉ ଦୁଇ ଯୁବକ ସାମିଲ ଥିବା ଅଭିଯୋଗ ହେଉଛି। ତଦନ୍ତ ଚାଲିଛି, ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଥାନା ଅଧିକାରୀ ବାଗ ସୂଚନା ଦେଇଛନ୍ତି।


ଟାଉନ ଥାନା ପୋଲିସ ଦ୍ୱାରା ଗିରଫ ଦୁଇ ଅଭିଯୁକ୍ତ ।

## ଯୁବ କଂଗ୍ରେସ ପାଳିଲା ବେରୋଜଗାର ସପ୍ତାହ


ଯୁବ କଂଗ୍ରେସ କର୍ମୀମାନେ ବରଗଡ଼ ଗାନ୍ଧିଛକ-ଜିଲାପାଳ ଅଫିସ ରାସ୍ତାରେ ପକୁଡ଼ି ବାଣ୍ଟୁଛନ୍ତି ।

**ବରଗଡ଼ ଅଫିସ୍,୧୯।୯**

ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ବେରୋଜଗାର ସପ୍ତାହ ପାଳନ କରାଯାଉଛି । ଗତ ୧୭ତାରିଖ ମୋଦିଙ୍କ ଜନ୍ମଦିନ ଥିବାବେଳେ ଶନିବାର ବରଗଡ଼ ଜିଲା ଯୁବ କଂଗ୍ରେସ ଏଠାରେ ଏହି କାର୍ଯ୍ୟକ୍ରମ କରିଥିଲା। ସ୍ଥାନୀୟ ଗାନ୍ଧୀଛକରୁ ଜିଲାପାଳ ଅଫିସକୁ ଯାଇଥିବା ରାସ୍ତାପାର୍ଶ୍ୱରେ ଏକ ପକୁନି ଷ୍ଟଲ ଖୋଲି ଯୁବ କଂଗ୍ରେସ କର୍ମୀମାନେ ଲୋକଙ୍କୁ ମାଗଣାରେ ତାହା ଖାଇବାକୁ ଦେଇଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ଅଭିଳାଷ ପତିଙ୍କ ସମେତ ପପୁ କୁମ୍ଭାର, ଅମିତ ଆଚାଯର୍ୟ, ଗୋବିନ୍ଦ ମେହେର, ଆଶିଷ ବେହେରା, ବିମଳ ଶିକା ପ୍ରମୁଖ ଭାଗ ନେଇଥିଲେ ।

## ସଂକ୍ରମଣ ସଂଖ୍ୟା ୪ ହଜାର ୭୩୦ରେ ପହଞ୍ଚିଲା

**ସମ୍ବଲପୁର,୧୯।୯(ବ୍ୟୁରୋ)**

### ସମ୍ବଲପୁର ଜିଲା

ସମ୍ବଲପୁର ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଶନିବାର ମୋଟ ସଂଖ୍ୟା ୪ ହଜାର ୭୩୦ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୩ହଜାର ୫୩୦ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୧ହଜାର ୧୭୯ଜଣ ଚିକିତ୍ସିତ ହେଉଛନ୍ତି। ଆଇଶୋଲେସନରେ ୮୨୯ ଜଣ ଚିକିତ୍ସିତ ହେଉଛନ୍ତି । ୨୧ ଜଣଙ୍କ ମୃତ୍ୟୁ ଘଟିଛି । ଶନିବାର ୧୫୪ ଜଣ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦେବେଇପାଲି, ବୁର୍ଲା, ଡକ୍ଟର କଲୋନୀ ବୁର୍ଲା, ହୀରାକୁଦ, ଶକ୍ତିନଗର, ଧନୁପାଲି, ବରେଇପାଲି, କ୍ଷେତରାଜପୁର, ମୁଙ୍ଗାପଡା, ମୁଦିପଡା, ସାକ୍ଷୀପଡା, ଗୋଲବଜାର, ପୁଟିବନ୍ଧ ପ୍ରଭୃତି ଅଞ୍ଚଳରେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଧନକଉଡା ବ୍ଲକର ୮, କୁଚିଣ୍ଡା ବ୍ଲକରୁ ୮, ମାନେଶ୍ୱର ବ୍ଲକରୁ ୪, ନାକଟିଦେଉଳ ବ୍ଲକରୁ ୨, ରେଢ଼ାଖୋଲ ବ୍ଲକରୁ ୩, ରେଙ୍ଗାଲି ବ୍ଲକରୁ ୮, ଯୁଯୁମୁରା ବ୍ଲକରୁ ଜଣେ ରହିଛନ୍ତି ।

## ଭଙ୍ଗାଘରେ ବିତୁଛି ଜୀବନ


ଭଙ୍ଗାଘର ସମ୍ମୁଖରେ ପରିବାର ସଦସ୍ୟଙ୍କ ସହ ତେଜମନ୍ତି।

**ଲାଠୋର, ୧୯।୯ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅନ୍ତର୍ଗତ ମସିଣା ଗ୍ରାମର ତେଜମନ୍ତି ଶଗଡିଆ। ସ୍ୱାମୀ ଦେବରାଜ ସଗଡିଆ ଦୁଇ ଝିଅ ଏବଂ ଗୋଟିଏ ପୁଅକୁ ନେଇ ତାଙ୍କ ସଂସାର। ଭଙ୍ଗ ମାଟି ଛପର ଘର କରି ରହୁଛନ୍ତି। ଦେବରାଜ ପେଟପାଟଣା ପାଇଁ ପରିଣତି ବୟସରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତି। ସ୍ତ୍ରୀ ମଜୁରି କରି ପୁଅ ଝିଅଙ୍କୁ ପାଠ ପଢ଼ାଉଛନ୍ତି। ଏହି ଦାଦନ ପରିବାରକୁ ସରକାରୀ ସହାୟତା କହିଲେ ମାସକୁ ମିଳୁଛି ୨୫ କେଜି ଚାଉଳ। ଚଳିତ ବର୍ଷ ଲଗାଣ ବର୍ଷାରେ ତାଙ୍କ ଘର ଭାଙ୍ଗି ଯାଇ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଆବାସ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ ମଧ କେହି ତାଙ୍କ କଥାକୁ ଶୁଣୁ ନାହାନ୍ତି। ଶେଷରେ କୌଣସି ଉପାୟ ନପାଇ ତେଜମନ୍ତି ଏକ ଘର ଯୋଗାଇ ଦେବାପାଇଁ ଜିଲାପାଳଙ୍କୁ ହ୍ୱାଟସଆପ ନମ୍ବରରେ ଏକ ଅଭିଯୋଗ ପତ୍ର ପଠାଇଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏହି ପରିବାରକୁ ଆବାସ ଯୋଜନାରେ ଏକ ବାସଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଧାନଫସଲରେ ରୋଗପୋକ, ଚିନ୍ତାରେ ଚାଷୀ

**କୋକସରା, ୧୯।୯ (ଡି.ଏନ.ଏ)**

ସମସ୍ୟା ଯେମିତି ଚାଷୀଙ୍କ ପିଛା ଛାଡୁ ନାହିଁ। କେତେ ବେଳେ ଅନାବୃଷ୍ଟି ତ କେତେ ବେଳେ ଲଘୁଚାପଜନିତ ବର୍ଷା। ଏବେ ପୁଣି ରୋଗପୋକର ପ୍ରାଦୁର୍ଭାବକୁ ନେଇ ଚାଷୀ ଚିନ୍ତିତ ହୋଇ ପଡିଛନ୍ତି। କଳାହାଣ୍ଡି ଜିଲା କୋକସରା ବ୍ଲକର ଅଧିକାଂଶ ଚାଷଜମି ଅଣ ଜଳସେଚିତ। କେତେକ ପଞ୍ଚାୟତର ଚାଷଜମିକୁ ଇନ୍ଦ୍ରାବତୀ କେନାଲ ପାଣି ମାଡୁଛି । ଏହା ବ୍ୟତୀତ ବେହେରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ବ୍ଲକର ଡୁଡୁକାଠେଙ୍ଗା, ମହିମା, କାଉଡୋଳା, ଟେମରା ପଞ୍ଚାୟତର ୨ ହଜାର ହେକ୍ଟର ଚାଷଜମିକୁ ଖରିଫ ଋତୁରେ ପାଣି ଦେବାର ସୁବିଧା ରହିଛି। ହେଲେ କେନାଲ ପରିଚାଳନାରେ ତ୍ରୁଟି ଓ ମରାମତି ଅଭାବରୁ କେତେକାଂଶରେ ଚାଷଜମିକୁ ପାଣି ମାଡୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଅଣଜଳସେଚିତ ଚାଷଜମି ବର୍ଷା ଭରସାରେ ଚାଷ କରିଥିବା ଚାଷୀଙ୍କୁ ଏବେ ଧାନରେ ରୋଗପୋକ ଚିନ୍ତା ଘାରିଛି। ଏବେ ସ୍ୱଳ୍ପ ମିଆଦୀ ଧାନ ସବୁ କେଣ୍ଡାରେ କ୍ଷୀର ଭରିବା ସମୟରେ ପତ୍ରପୋଡ଼ା, ଗଣ୍ଡିପୋକ, ମହିଷା ରୋଗ ସହ ମୂଷାଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। ଜମି ହୁଡାରେ ରହୁଥିବା ମୂଷା ଜମିରେ ଥିବା ଧାନଗଛକୁ କାଟି ଦେଉଥିବା ନେଇ କୋକସରା ବ୍ଲକ ଚାଷୀ ଗିରିଧାରୀ ପଟ୍ଟନାୟକ, କ୍ଷୀରସିନ୍ଧୁ ନେଗି, ଶ୍ରଦ୍ଧାକର ତାଣ୍ଡି, ହୃଷୀକେଶ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଲକ୍‌ଡାଉନ, ଶଟ୍‌ଡାଉନରେ ଜୀବିକା ହରାଇ ଥିବା ଚାଷୀ ଧାରକରଜ କରି ଯାହା ଚାଷ କରିଛନ୍ତି। ରୋଗପୋକ ଯୋଗୁ ନୟାନ୍ତ ହେଲେଣି ଚାଷୀ, ଯେତେ ପ୍ରକାର କୀଟନାଶକ ଔଷଧ ସିଞ୍ଚନ କଲେ ମଧ ରୋଗପୋକ କାବୁ ହେଉନାହିଁ ବୋଲି କହିଛନ୍ତି । ଏ ନେଇ କୋକସରା ଗୋଷ୍ଠୀ କୃଷି ଅଧିକାରୀ ସୁବ୍ରତ କୁମାର ପାଢୀଙ୍କୁ ପଚାରିବାରୁ ଚାଷୀଙ୍କୁ ଗ୍ରାମ୍ୟ କୃଷକ ସାଥୀମାନେ ରୋଗପୋକ ପରିଚାଳନା ନେଇ ପରାମର୍ଶ ଦେଉଛନ୍ତି। ସରକାରୀ ସ୍ତରରେ ସବସିଡି ଔଷଧ ମଧ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ଦୋକାନରେ ଦିଆଯାଉଛି। ତେବେ କେତେକ ଅଞ୍ଚଳରେ ପତ୍ରପୋଡ଼ା ରୋଗ ଦେଖାଦେଇଛି। ତେବେ ମହିଷା ରୋଗର କୌଣସି ଅଭିଯୋଗ ଆସି ନାହିଁ। କେତେକ ସ୍ଥାନରେ ମୂଷାଙ୍କ ଉପଦ୍ରବ ଅଭିଯୋଗ ଆସୁଛି ବୋଲି ସେ କହିଛନ୍ତି ।


କ୍ଷତିଗ୍ରସ୍ତ ଫସଲକୁ ଜଣେ ଚାଷୀ ଦେଖାଉଛନ୍ତି।

